

# ଅବତାରୀ ଶ୍ରୀଜଗନ୍ନାଥଙ୍କ ବୌଦ୍ଧାବତାର

ତାରାକାନ୍ତ ମହାନ୍ତି

ଉନବିଂଶ ଶତାବ୍ଦୀର ମଧ୍ୟଭାଗରେ ମହାପ୍ରଭୁ ଶ୍ରୀଜଗନ୍ନାଥ, ମର୍ଯ୍ୟାଦାପୁରୁଷ ଶ୍ରୀରାମଚନ୍ଦ୍ର ଓ ନରୋତ୍ତମ କୃଷ୍ଣ ଉପାସନା ଓଡ଼ିଶାରେ ଭିନ୍ନ ରୂପ ନେଇଥିଲା । ଅନେକ କବି ଯେଉଁମାନେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଭକ୍ତ ବୋଲାଉଥିଲେ, ସେମାନେ ହିନ୍ଦୁ ଦେବାଦେବୀଙ୍କର ଭିନ୍ନ ଭିନ୍ନ ଉପାସକ ଥିଲେ, ଯେପରିକି ଶ୍ରୀରାମ, ଶ୍ରୀକୃଷ୍ଣ ଓ ପ୍ରଭୁ ଶ୍ରୀଜଗନ୍ନାଥ । ଅବଶ୍ୟ ସେମାନେ ଶ୍ରୀଜଗନ୍ନାଥଙ୍କୁ ଶ୍ରୀରାମ ଓ ଶ୍ରୀକୃଷ୍ଣଙ୍କ ଅପେକ୍ଷା ଉଚ୍ଚ ଆସନରେ ଅଭିଷିକ୍ତ କରାଇଥିଲେ । କବି ଅର୍ଜୁନ ଦାସ ଶ୍ରୀରାମ ଓ ଶ୍ରୀଜଗନ୍ନାଥଙ୍କୁ ଏକ ଆସନରେ ବସାଇଥିଲେ । ସେ ତାଙ୍କ ପ୍ରଣୀତ 'ରାମବିଭା'ରେ ଶ୍ରୀରାମଙ୍କୁ ଶ୍ରୀଜଗନ୍ନାଥ ରୂପେ ବର୍ଣ୍ଣନା କରିବାକୁ, ଏକା ଆସନରେ ବସାଇବାକୁ କୁଣ୍ଠାବୋଧ କରିନାହାନ୍ତି । ସେଠି ସେ ଶ୍ରୀଜଗନ୍ନାଥଙ୍କର ଗୌରବ ଓ ଗାରିମାକୁ ଅକ୍ଷୁଣ୍ଣ ରଖିଥିବାବେଳେ ଶ୍ରୀରାମଙ୍କୁ କୌଣସି ସାଧାରଣ ବା ନ୍ୟୂନ ଆସନରେ ବସାଇବାକୁ ଭୁଲି ନାହାନ୍ତି ।

ଚୈତନ୍ୟ ଯୁଗ ପରେ ଦୁଇ ଶ୍ରେଣୀ ବା ସମ୍ପ୍ରଦାୟ ମଧ୍ୟରେ ଯଥା- ଗୌଡୀୟ ବୈଷ୍ଣବ ଓ ଉତ୍କଳୀୟ ବୈଷ୍ଣବଙ୍କ ମଧ୍ୟରେ ବାଦାନୁବାଦ ପ୍ରାୟ ସପ୍ତଦଶ ଶତାବ୍ଦୀ ଓ ଅଷ୍ଟାଦଶ ଶତାବ୍ଦୀର ମଧ୍ୟଭାଗ ପର୍ଯ୍ୟନ୍ତ ଚାଲି ଆସୁଥିଲା । ଗୌଡୀୟ ବୈଷ୍ଣବମାନଙ୍କ ମତରେ- ଶ୍ରୀକୃଷ୍ଣଙ୍କୁ ଭଗବାନ ସ୍ୱୟଂ ଏହି ଜୟ ଜୟକାର ଚାଲିଆସୁଥିଲା । ସେହି ସମ୍ପ୍ରଦାୟର ସ୍ତାବକମାନେ କହି ଆସୁଥିଲେ ଯେ ଭାଗବତ ଅନୁସାରେ ଶ୍ରୀକୃଷ୍ଣ ଅସୀମ ଓ ଅଖଣ୍ଡ କ୍ଷମତାର ଅଧିକାରୀ ଥିଲେ । ସେ କେବେ ଅବତାର ଗ୍ରହଣ କରିନାହାନ୍ତି । ସେ ନିଜେ ଅବତାରୀ । ଏହା ଅଭିମନ୍ୟୁ ସାମନ୍ତସିଂହାର (୧୭୫୮-୧୮୦୭) ତାଙ୍କର କାଳଜୟୀ ସୃଷ୍ଟି 'ବିଦଗ୍ଧ ଚିନ୍ତାମଣି'ର ୯୧ତମ ସର୍ଗରେ ଉଲ୍ଲେଖ କରିଛନ୍ତି । ସେ ହେଉଛନ୍ତି ସର୍ବୋତ୍ତମ ପ୍ରଭୁ ଏବଂ 'ନିତ୍ୟ ବୃନ୍ଦାବନ' ବର୍ଣ୍ଣନାରେ ଏହାକୁ ଶ୍ରୀକୃଷ୍ଣଙ୍କ ନିତ୍ୟସ୍ଥଳୀ ରୂପେ ଆଖ୍ୟା ଦେଇ ନିତ୍ୟରାସ କଥା ଉଲ୍ଲେଖ କରି ଶ୍ରୀକୃଷ୍ଣଙ୍କୁ ବିଶ୍ୱର ସର୍ବୋତ୍ତମ ପ୍ରଭୁ ରୂପେ ଉଲ୍ଲେଖ କରିବାକୁ ପଛାଇ ନାହାନ୍ତି ।

ମାତ୍ର ଅଭିମନ୍ୟୁ ସାମନ୍ତସିଂହାରଙ୍କ ଅର୍ଦ୍ଧଶତାବ୍ଦୀ ବା ପୂର୍ବରୁ ଗୌଡୀୟ ବୈଷ୍ଣବ ସମ୍ପ୍ରଦାୟ ଓ ଉତ୍କଳୀୟ ବୈଷ୍ଣବ ସମ୍ପ୍ରଦାୟଙ୍କ ମଧ୍ୟରେ ଗୋଟିଏ ବୁଝାମଣା ହୋଇଗଲା ଏବଂ ସେମାନେ ଏହି ସିଦ୍ଧାନ୍ତରେ ଉପନୀତ ହେଲେ ଯେ ନୀଳାଚଳ ପୁରୀର ଶ୍ରୀଜଗନ୍ନାଥ ଓ ବ୍ରଜପୁରା (ବ୍ରଜପୁରୀ)ର ଶ୍ରୀକୃଷ୍ଣ ଏକ ଓ ଅଭିନ୍ନ । କେହି କାହାଠାରୁ ନ୍ୟୂନ ନୁହନ୍ତି । ଗୌଡୀୟ ବୈଷ୍ଣବ ସମ୍ପ୍ରଦାୟ ଓ ଉତ୍କଳ ବୈଷ୍ଣବ ସମ୍ପ୍ରଦାୟର ମହାମିଳନର ସମ୍ପ୍ରିତିରେ । ନୂତନ ବୈଷ୍ଣବ ସମ୍ପ୍ରଦାୟର ଅଭ୍ୟୁଦୟ ହେଲା ଏବଂ ରସକଲ୍ଲୋଳର କବି ଦୀନକୃଷ୍ଣ (୧୬୮୮-୧୭୧୩) ଏହି ନୂତନ ବୈଷ୍ଣବ ସମ୍ପ୍ରଦାୟର ଜଣେ ପୃଷ୍ଠପୋଷକ ଥିଲେ । ରସକଲ୍ଲୋଳର ପ୍ରଥମ ସର୍ଗରେ ମହାପ୍ରଭୁ



ଶ୍ରୀଜଗନ୍ନାଥଙ୍କୁ 'ଅବତାରୀ' ରୂପେ ବର୍ଣ୍ଣନା କରିଛନ୍ତି । ବିଷ୍ଣୁଙ୍କର ସବୁ ଅବତାର ଏପରିକି ଶ୍ରୀକୃଷ୍ଣଙ୍କୁ ମିଶାଇ ସବୁ ଅବତାରର ଜନକ ହେଉଛନ୍ତି ମହାପ୍ରଭୁ ଶ୍ରୀଜଗନ୍ନାଥ । କିନ୍ତୁ ରସକଲ୍ଲୋଳର ୩୪ଟି ଯାକ ସର୍ଗରେ (ଛାନ୍ଦରେ) ସେ ନରୋତ୍ତମ ଶ୍ରୀକୃଷ୍ଣଙ୍କ ଲୀଳା ବିଷୟରେ ବର୍ଣ୍ଣନା କରିଛନ୍ତି ଏବଂ ୩୪ଟି ଯାକ ସର୍ଗ ଶେଷରେ ବା ଛାନ୍ଦରେ ସେ ସୁସ୍ପଷ୍ଟ ଭାବେ କହିଛନ୍ତି ଯେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିନା ସେ ଏହି ମହାନ୍ କାବ୍ୟକୁ ସମ୍ପୂର୍ଣ୍ଣ କରିପାରି ନଥାନ୍ତେ । ସବୁ ଶ୍ରୀଜଗନ୍ନାଥଙ୍କର ଅପାର ଓ ଅହେତୁକ କରୁଣା ଲାଗି ସେ ଏହି ମହାନ୍ କାବ୍ୟ ରଚନା କରିବାକୁ ସମର୍ଥ ହୋଇପାରିଲେ । ଭକ୍ତକବି ଜୟଦେବଙ୍କ ଦଶାବତାର ସ୍ତୋତ୍ରରେ ଶ୍ରୀରାମ ଓ ଶ୍ରୀବୁଦ୍ଧ ଅବତାରର ଉଲ୍ଲେଖ ରହିଛି ।

ଶ୍ରୀଜଗନ୍ନାଥଙ୍କ ଦଶାବତାର ମଧ୍ୟରୁ ମାନବ ଅବତାରଗୁଡ଼ିକ ହେଉଛି– ବାମନ, ପର୍ଶୁରାମ, ରାମ, ବଳରାମ ଓ ବୁଦ୍ଧ । ଅନ୍ୟ ୫ଟି ଅବତାର ଯଥା– ମୀନ, କଚ୍ଛପ, ବରାହ, ନରସିଂହ ଓ କଳ୍କୀ । ନରସିଂହ ଅବତାର ମାନବ ଓ ପଶୁର ସମଷ୍ଟି ।

ଏଠି ଗୋଟିଏ କଥା ବିଚାରଯୋଗ୍ୟ ଯେ ପ୍ରଭୁ ଶ୍ରୀଜଗନ୍ନାଥ କାହିଁକି ତାଙ୍କ ନବମ ଅବତାରରେ ବୁଦ୍ଧ ରୂପେ ଅବତାରୀ ଶାନ୍ତି, ଅହିଂସା, ମୈତ୍ରୀ ଓ କରୁଣାର ବାଣୀ ବୁଦ୍ଧଙ୍କ କଣ୍ଠରେ ଶୁଣାଇଲେ । ବାମନ, ରାମ, ବଳରାମ ଅବତାର ପରେ କାହିଁକି ନବମ ଅବତାରରେ ବୁଦ୍ଧ ଅବତାର ଗ୍ରହଣ କଲେ । ଆଗରୁ ଯେତେ ଅବତାର ହୋଇଛି ସବୁ ରକ୍ତପାତରେ ପ୍ରଭୁ ଜଡ଼ିତ ଥିଲେ । ସେ ଆଉ ଚାହୁଁ ନାହାନ୍ତି ଏହିପରି ଅବତାର ଗ୍ରହଣ କରିବାକୁ । କାରଣ କଳି ଶେଷ ହେବାର ସମୟ ଉପଗତ ହେଲାଣି । ବାକି କେତୋଟି ବର୍ଷ ରହିଲା । ଏହା ମଧ୍ୟରେ ଯଦି ଲୋକମାନେ ତିନି ଯୁଗ ପରେ (ସତ୍ୟ, ତ୍ରେତା, ଦ୍ୱାପର) ଏତେକଥା ସେ ଦ୍ୱାପର ଯୁଗରେ ଭଗବାନ ଶ୍ରୀକୃଷ୍ଣଙ୍କ ମୁହଁରେ ଶୁଣାଇଛନ୍ତି ଲୋକେ ତାହା ନମାନିବେ ପୁଣି ଦ୍ୱାପର ଯୁଗର ଶ୍ରୀକୃଷ୍ଣଙ୍କ ବାଣୀ ସତ୍ୟରେ ପରିଣତ ହେବ ।

ତେଣୁ ବୁଦ୍ଧାବତାର ତାଙ୍କର ଧର୍ମ ରକ୍ଷା ଓ ପରିରକ୍ଷା ପାଇଁ ଏକ ଚେତାବନୀ । ଏଥିରେ ଲୋକେ ଯଦି ନିଜକୁ ବଦଳାଇ ପାରିବେ ନାହିଁ, ତେବେ ତାହା ସମ୍ଭବ ହେବ ଜଗନ୍ନାଥଙ୍କର ଦଶମ ଅବତାର କଳ୍କୀ ଅବତାରରେ । ଯାହା ଭକ୍ତକବି ଜୟଦେବ ଦଶାବତାରର ଶେଷ ସ୍ତୋତ୍ରରେ ବର୍ଣ୍ଣନା କରିଛନ୍ତି–

''ମ୍ଳେଚ୍ଛ ନିବହ ନିଧନେ କରୟସି କରବାଳ
ଧୂମକେତୁମିବ କିମପି କରାଳମ୍
କେଶବ ! ଧୃତ କଳ୍କୀ ଶରୀର ଜୟ ଜଗଦୀଶ ହରେ ।''

ଯାହାକୁ ପଞ୍ଚସଖା ଅଚ୍ୟୁତାନନ୍ଦ, ଯଶୋବନ୍ତ ଦାସ ଏବଂ ହାଡ଼ିଦାସ ତାଙ୍କ ମାଳିକାରେ ଉଲ୍ଲେଖ କରିଛନ୍ତି, ସମ୍ପ୍ରତି ପୃଥିବୀ ଅତିଷ୍ଠ ହୋଇଗଲାଣି ମହାପାପ, ମହାବ୍ୟଭିଚାର, ମହାଭ୍ରଷ୍ଟାଚାର ଓ ମହାଦୁରାଚାରରେ । ତେଣୁ ସାଧୁମାନଙ୍କୁ ପରିତ୍ରାଣ କରିବା ଲାଗି ସେ ବାଧ୍ୟ ହୋଇ କଳ୍କୀ ଅବତାର ଗ୍ରହଣ କରିବେ ।

ଏକଥା ସତ୍ୟ ଯେ ବୁଦ୍ଧଙ୍କ ପ୍ରବର୍ତ୍ତିତ ଧର୍ମ ବୌଦ୍ଧ ଧର୍ମ ଦିନେ ବିଶ୍ୱ ଧର୍ମରେ ପରିଣତ ହେବ । ସମ୍ପ୍ରତି ବର୍ତ୍ତମାନ ବିଶ୍ୱରେ ମହାପୁରୁଷ ବୁଦ୍ଧଙ୍କ ୨୫୫୫ତମ ଜୟନ୍ତୀ ପାଳନ ହେଉଛି । ଏହା ଆଉ ୪୬ ବର୍ଷ ପରେ ୨୬୦୦ତମ ଜୟନ୍ତୀରେ ପଦାର୍ପଣ କରିବ । ହିଂସା, ଅସୂୟା, ଈର୍ଷା, ଅସହିଷ୍ଣୁତାରୁ ଦୂରରେ ରହି ଏକ ଶାନ୍ତିପୂର୍ଣ୍ଣ ସମାଜ ପ୍ରତିଷ୍ଠା କରିବାକୁ ହେଲେ ବୁଦ୍ଧଙ୍କ ମାର୍ଗଦର୍ଶନ ହିଁ ଆମକୁ ଦିଗ୍‌ଦର୍ଶନ ଦେଇପାରିବ । ଓଡ଼ିଆରେ ଏକ ବାଣୀ ଅଛି– ''ଜାଣୁ ଜାଣୁ ଶୁଣୁ ଶୁଣୁ ନ ଜାଣୁରେ ଅଜଣା, ଆପେ ମଲେ ଯୁଗେ ଯାଏ, ପର ପାଇଁ କାନ୍ଦଣା ।'' ସେହି ନ୍ୟାୟରେ ସମାଜ ଦିଗ୍‌ଭ୍ରଷ୍ଟ ହୋଇଯାଉଛି । ଯାହା ଅତିବଡ଼ି ଜଗନ୍ନାଥ ଦାସ ଭାଗବତରେ କହିଛନ୍ତି ।

''ଏ ଘୋର କଳିକାଳ ରୀତି
ଲୋକେ ହୋଇବେ ଅନ୍ୟମତି
ଲୋକେ ହୋଇବେ ଖଳବଳ
ନାଶିବେ ଭୁବନ ମଣ୍ଡଳ ।''

ତେଣୁ ଆଜି ବିଶ୍ୱର ୮୦୦କୋଟି ଲୋକଙ୍କ ମଧ୍ୟରେ ହିଂସା ଓ ରକ୍ତପାତ ଜୋର୍‌ରେ ଲାଗି ରହିଛି । ଆଉ ୪୬ ବର୍ଷ ନଚେତ୍ ବୁଦ୍ଧଙ୍କର ୨୬୦୦ ଜୟନ୍ତୀ ପୂର୍ବରୁ ୨୫୯୯ ବେଳକୁ ଭଗବାନ କଳ୍କୀ ଅବତାର ଗ୍ରହଣ କରିବାକୁ ବାଧ୍ୟ ହେବେ । ଯାହା ଭୀମଭୋଇ ତାଙ୍କର ଭବିଷ୍ୟତ ମାଳିକାରେ କହିଯାଇଛନ୍ତି । ବର୍ତ୍ତମାନଠାରୁ ତା'ର ସୂଚନା ମିଳିଲାଣି । ପ୍ରସିଦ୍ଧ ଜ୍ୟୋତିଷ ଶାସ୍ତ୍ରୀମାନେ ଏହା ଆଗରୁ କହି ସାରିଛନ୍ତି । କାରଣ ସଂଖ୍ୟା ୩,୧୧,୧୩ ଏସବୁ ଅଶୁଭ ସଂଖ୍ୟା । ତେଣୁ ୩୦୦୦ ବର୍ଷ ବେଳକୁ ବୁଦ୍ଧ ଜନ୍ମର ଏହା ଅବଶ୍ୟ ଘଟିବ, ଏଥିରେ କିଛି ଶୋଚନା ନାହିଁ ।

ସତ୍ୟରେ ରାକ୍ଷସ ଥିଲା ୪ଅକ୍ଷର ବିଶିଷ୍ଟ ନାମ । 'ହିରଣାକ୍ଷ' ତାହାକୁ ବଧ କରିଥିଲେ ୪ଅକ୍ଷର ବିଶିଷ୍ଟ ନାରାୟଣ । କ୍ଷେତ୍ରାରେ ତିନି ଅକ୍ଷର ବିଶିଷ୍ଟ ରାକ୍ଷାସର ନାମ ଥିଲା ରାବଣ, ତାକୁ ହତ କଲେ ତିନି ଅକ୍ଷର ବିଶିଷ୍ଟ ଶ୍ରୀରାମ । ଦ୍ୱାପରରେ ଦୁଇ ଅକ୍ଷର ବିଶିଷ୍ଟ ରାକ୍ଷସର ନାମ ଥିଲା କଂସ, ତାକୁ ହତ କଲେ

ଦୁଇ ଅକ୍ଷର ବିଶିଷ୍ଟ କୃଷ୍ଣ । କଳିର ରାକ୍ଷସ ହେଉଛି ଏକ ଅକ୍ଷର ବିଶିଷ୍ଟ 'ମୁଁ' । ଏହାକୁ ହତ କରିବାକୁ ହେଲେ 'ଓଁ' ନାମକ ଦେବତାଙ୍କ ଶରଣାପନ୍ନ ହେବାକୁ ପଡିବ । ସେହି ଓଁକାରରେ ପ୍ରଭୁ ଜଗନ୍ନାଥସ୍ଥିତ ।

'ମୁଁ' ରାକ୍ଷସ କବଳରେ କଳି କବଳିତ । ସର୍ବତ୍ର ମୁଁ ମୁଁ କାରର ଜୟକାର । ମୁଁ ବଡ ପରମାଣୁ ଦେଶ, ମୋ' ସାଙ୍ଗରେ କେହି ରାଷ୍ଟ୍ର ଯୁଦ୍ଧ ଆହ୍ୱାନ କଲେ, ତାହା ଧ୍ୱଂସ ବିଧ୍ୱସ୍ତ ଓ ନିଶ୍ଚିହ୍ନ ହୋଇଯିବ । ମୋ'ଠାରୁ ବଳି ବଡ ରାଜନେତା କେହି ନାହିଁ । ମୁଁ ଲକ୍ଷ ଜନତାର ପ୍ରତିନିଧି । ମୋ' ଇଙ୍ଗିତରେ ପରିଚାଳିତ ହେଉଛି । ଶାସନ, ପ୍ରଶାସନ ମୋ' ଇଙ୍ଗିତରେ ଚାଲୁଛି । ଏହିପରି କେତେ ଓଁକାର ଭାବ । ମୋ'ଠାରୁ ବଡ ସମ୍ପାଦକ କେହି ନାହିଁ । ମୋ'ଠାରୁ ବଡ ସ୍ତମ୍ଭକାର କେହି ନାହିଁ । ମୋ'ଠାରୁ ଏହି ମୁଁ ମୁଁର ସ୍ୱର ସମଷ୍ଟି କଳିକୁ କରାହତ କରିବ । ବଡ କବି କେହି ନାହିଁ କି ବଡ ପ୍ରବଚକ କେହି ନାହିଁ । ସବୁଠାରୁ ମୁଁ ମୁଁ କାରର ଜୟଯାତ୍ରା । ମହାପ୍ରଭୁ ଜଗନ୍ନାଥ ଏହା ସହିଲେ ତ ! ଯଦିଓ ଜ୍ୟୋତିଷ ଶାସ୍ତ୍ର ଅନୁସାରେ ଆଉ ୪୪୨ବର୍ଷ ପରେ ଶ୍ରୀଜଗନ୍ନାଥ କଳ୍କୀ ରୂପରେ ଅବତାର ଗ୍ରହଣ କରିବେ । ତେଣୁ ମୁଁ କାରର ବିଲୋପ ହେଉ ।

ପ୍ରସିଦ୍ଧ ଇଂରାଜୀ କବିଙ୍କ ଭାଷାରେ– କେବେ ପୁରୁଷାକାର ଦେଖାଇ କୁହ ନାହିଁ, ମୁଁ ଅମୁକ ଅଟେ । ମୁଁ ଅମୁକ ହେବି । ମୁଁ ଅମୁକ ଥିଲି । ତୁମ୍ଭେ ଭୁଲି ଯାଉଛ ତୁମ୍ଭେ ଜଣେ ପାନ୍ଥଶାଳାର ପଥିକ ବୋଲି । ଗୋଟିଏ ରାତ୍ରି ପାନ୍ଥଶାଳାରେ ତୁମକୁ କଟାଇବାକୁ ପଡିବ । ଏହା ତୁମ୍ଭର ନିଜ ଘର ନୁହେଁ । ସେଠି ଖାଦ୍ୟ ଓ ବିଛଣା ଭଲ ହେଲା କହ ନାହିଁ, ସେ କଥା ଭାବିବା ନିର୍ବୋଧ । ରାତି ପାହିଲେ ତୁମେ ତୁମର ଗନ୍ତବ୍ୟ ସ୍ଥଳକୁ ଯିବ । ଏ ଦୁନିଆ ଏକ ପାନ୍ଥଶାଳା ଏବଂ ସେଠି କେହି ୫୦, କେହି ୬୦ ବର୍ଷ ଓ କେହି କେହି ୧୦୦ବର୍ଷ ପର୍ଯ୍ୟନ୍ତ ବଞ୍ଚୁଛି । ଅଧିକ ବଞ୍ଚିବାର ଶକ୍ତି ତା' ପାଖରେ ନାହିଁ । କାରଣ ସେ ବିଶ୍ୱ ନିୟନ୍ତା ନୁହେଁ । ସବୁରି ବିଶ୍ୱ ନିୟନ୍ତା ମହାପ୍ରଭୁ ଶ୍ରୀଜଗନ୍ନାଥ ।

ଡି– ୩୫, ଷ୍ଟାର ସିଟି, ପଟିଆ,
ପୋ: କିଟ୍, ଭୁବନେଶ୍ୱର–୭୫୧୦୨୪

# ତୁମେ ହିଁ ଛନ୍ଦ ମୋର

**ବିମଳା ସିଂହ**

ତୁମେ ମୋର ପ୍ରୀତି ତୁମେ ମୋର ଗୀତ
ତୁମେ ହିଁ ଛନ୍ଦ ମୋର
ତୁମେ ହିଁ ରାଗ ପ୍ରୀତି ଅନୁରାଗ
ହୃଦୟର ଝଙ୍କାର ।।

ତୁମେ ହିଁ ସକାଳ ତୁମେ ହିଁ ତ ସଞ୍ଜ
ଜୀବନର ଚଲାପଥେ,
ତୁମେ ହିଁ ବରଷା ତୁମେ ହିଁ ତ ଶୀତ
ଅନୁଭବ ସାଥେ ସାଥେ
ସବୁ ବସନ୍ତର ତୁମେ ହିଁ ପରଶ
ଆହେ ସତ୍ୟ ଶିବ ସୁନ୍ଦର ।।



ଅନ୍ତର ତଳର ଗୋପନ କଥାର
ତୁମେ ପରା କଳାକାର
ମନ ଯମୁନାର ଦୁଇକୂଳ ସାଥୀ
ନୀରବର ସୁଅଧାର
ଅମା ଅନ୍ଧାରରେ ଆଲୋକ ହୋଇତ
ଥାଅ ବାକି ଜୀବନର ।।

ଶିକ୍ଷୟିତ୍ରୀ,
ସରକାରୀ ଉଚ୍ଚ ବିଦ୍ୟାଳୟ, ଖଣ୍ଡଗିରି,
ଭୁବନେଶ୍ୱର